
**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୩୬ ● ପାଉଣ୍ଡ ୧୨୨.୩୦
- ୟୁରୋ ୧୦୬.୪୨ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୬୦୦ (ନୂଆଦିଲ୍ଲୀ)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୮୦.୦୦
- ନିଫ୍ଟି ୨୫,୬୯୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଗ୍ରାହକଙ୍କୁ ଆଉ ହଇରାଣ କରିପାରିବେନାହିଁ ରିକଭରୀ ଏଜେଣ୍ଟ

# ଋଣ ଆଦାୟରେ ଚଳିବନି ଜୋରଜବରଦସ୍ତି

ନୂଆଦିଲ୍ଲୀ,୬।୨(ଏଜେନ୍ସି): ବ୍ୟାଙ୍କରୁ ଋଣ ନେଉଥିବା ଏବଂ ଡିଜିଟାଲ କାରବାର କରୁଥିବା ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଆଶ୍ୱସ୍ତି ଖବର। ଏଣିକି ଋଣ ଆଦାୟ ଏଜେଣ୍ଟଙ୍କ ମନମାନୀ ଆଉ ଚଳିବନି। ଋଣ ଆଦାୟରେ ଆଉ ଚଳିବନି ଏଜେଣ୍ଟଙ୍କ ଜୋରଜବରଦସ୍ତି କାର୍ଯ୍ୟାନୁଷ୍ଠାନ। ଋଣ ଆଦାୟ ପାଇଁ ଗ୍ରାହକଙ୍କୁ ହଇରାଣ କରୁଥିବା ଯେ କୌଣସି ଋଣ ଆଦାୟକାରୀ ଏଜେଣ୍ଟ ଆଗକୁ ଅସୁବିଧାରେ ପଡ଼ିବେ। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗ୍ରାହକମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ଏମିତିକି ବ୍ୟାଙ୍କ କର୍ମଚାରୀ ବଳପୂର୍ବକ ବୀମା ବିକ୍ରି କରିପାରିବେନାହିଁ ଏବଂ ଏଜେଣ୍ଟଙ୍କ କାର୍ଯ୍ୟ ପାଇଁ ଖୋଦ୍ ବ୍ୟାଙ୍କ ଦାୟୀ ରହିବ ବୋଲି ବ୍ୟବସ୍ଥା ହେବ।

ବ୍ୟାଙ୍କଗୁଡ଼ିକ ଦ୍ୱାରା 'ମିସ୍ ସେଲିଂ' ବା ଭୁଲ୍ ଉତ୍ପାଦ ବିକ୍ରିକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ କଠୋର ନିର୍ଦ୍ଦେଶାବଳୀ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛି। ଶୁକ୍ରବାର ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକ

**ମିସ୍ ସେଲିଂ ଉପରେ ଲାଗିବ ଲଗାମ୍**

**ବ୍ୟାଙ୍କ କର୍ମଚାରୀ ବଳପୂର୍ବକ ବୀମା ବିକ୍ରି କରିପାରିବେନାହିଁ**

**ଏଜେଣ୍ଟଙ୍କ କାର୍ଯ୍ୟ ପାଇଁ ବ୍ୟାଙ୍କ ଦାୟୀ**



ପରେ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଘୋଷଣା କରିଛନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କ ତିନୋଟି ନୂତନ ଚିଠା ନିୟମାବଳୀ ପ୍ରକାଶ କରୁଛି। ଏଗୁଡ଼ିକ ଗ୍ରାହକ ସୁରକ୍ଷାକୁ ମଜବୁତ କରିବା ଏବଂ ବ୍ୟାଙ୍କଗୁଡ଼ିକର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ନିୟମଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ଋଣ ରିକଭରୀଏଜେଣ୍ଟମାନେ ଆଉ ଗ୍ରାହକଙ୍କୁ ଭୟଭୀତ କରିପାରିବେ ନାହିଁ, କିମ୍ବା ବ୍ୟାଙ୍କଗୁଡ଼ିକ ଏପରି ବୀମା କିମ୍ବା ଋଣ ଉତ୍ପାଦ ପ୍ରଦାନ କରିପାରିବେ ନାହିଁ ଯାହା ଗ୍ରାହକମାନଙ୍କୁ ଆବଶ୍ୟକ ନାହିଁ। ବ୍ୟାଙ୍କ କର୍ମଚାରୀମାନେ ଆଉ ଗ୍ରାହକଙ୍କୁ ଆଉ ଜବରଦସ୍ତି ବୀମା ଉତ୍ପାଦ ବିକ୍ରି କରିପାରିବେ ନାହିଁ। କାରଣ ଯେତେବେଳେ ଜଣେ ଗ୍ରାହକ ଏଫ୍‌ଡି ଜମା କରିବାକୁ କିମ୍ବା ଋଣ ନେବାକୁ ବ୍ୟାଙ୍କକୁ ଯାଆନ୍ତି, ସେତେବେଳେ ସେମାନଙ୍କୁ ପ୍ରାୟତଃ ପ୍ରଲୋଭନମୂଳକ ପ୍ରତିଶ୍ରୁତିରେ ବୀମା ପଲିସି କିମ୍ବା ନିବେଶ ଯୋଜନା ସମ୍ପର୍କିତ ଉତ୍ପାଦ ବିକ୍ରି କରାଯାଇଥାଏ। ପରେ, ଏହା ଜଣାପଡ଼େ ଯେ ଉତ୍ପାଦଟି ଗ୍ରାହକଙ୍କ ପାଇଁ ଲାଭଦାୟକ ନୁହେଁ। ଏହାକୁ 'ମିସ୍ ସେଲିଂ' ବା 'ଭୁଲ ଉତ୍ପାଦ ବିକ୍ରି' କୁହାଯାଏ। ଆର୍‌ବିଆଇ ଏବେ ଏଥିପାଇଁ କଠୋର ନିର୍ଦ୍ଦେଶାବଳୀ ସ୍ଥିର କରୁଛି। ବ୍ୟାଙ୍କଗୁଡ଼ିକୁ ନିଶ୍ଚିତ କରିବାକୁ ପଡ଼ିବ ଯେ ସେମାନେ କେବଳ ସେହି ଉତ୍ପାଦ ଗ୍ରାହକମାନଙ୍କୁ ବିକ୍ରି କରିବେ ଯାହା ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଜରୁରୀ। ଆର୍‌ବିଆଇ ଗଭର୍ଣ୍ଣର ସ୍ପଷ୍ଟ କରିଛନ୍ତି ଯେ ଋଣ ଆଦାୟ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନୀତି ଆଣିବା ପାଇଁ ବିଦ୍ୟମାନ ନିୟମାବଳୀକୁ ଆହୁରି କଠୋର କରାଯିବ। ବାରମ୍ବାର ଅଭିଯୋଗ ଆସୁଛି ଯେ ରିକଭରୀ ଏଜେଣ୍ଟମାନେ ବିଳମ୍ବିତ ରାତିରେ ଗ୍ରାହକଙ୍କୁ ଫୋନ୍ କରନ୍ତି, ସେମାନଙ୍କ ସମ୍ପର୍କୀୟଙ୍କୁ ହଇରାଣ କରନ୍ତି, କିମ୍ବା ସେମାନଙ୍କ ଘରକୁ ଆସି ଅଭଦ୍ର ବ୍ୟବହାର କରନ୍ତି। ନୂତନ ନିୟମ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ଏବେ ଏହି ଏଜେଣ୍ଟମାନଙ୍କ କାର୍ଯ୍ୟ ପାଇଁ ସିଧାସଳଖ ଦାୟୀ ରହିବେ। ଯଦି କୌଣସି ଏଜେଣ୍ଟ ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ବ୍ୟାଙ୍କକୁ ଭାରୀ ଜରିମାନା ଦେବାକୁ ପଡ଼ିପାରେ।

### ଅନ୍‌ଲାଇନ୍ ଠକେଇ ନେଇ ଆସିବ ନୂଆ ନିୟମ

# ଆର୍‌ବିଆଇ ଦେବ କ୍ଷତିପୂରଣ

ନୂଆଦିଲ୍ଲୀ, ୬।୨ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନଲାଇନ୍ ଠକେଇ ସମ୍ପର୍କରେ ଏକ ନୂତନ ନିୟମ ଆଣିବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଅନୁଯାୟୀ, ଯଦି କୌଣସି ଗ୍ରାହକ ଛୋଟ ଅନଲାଇନ୍ ଠକେଇର ଶିକାର ହୁଅନ୍ତି, ତେବେ ସେମାନଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯିବ। ହେଲେ ଏଥିରେ ଠକେଇ ରାଶିର ସୀମା ସ୍ଥିର କରାଯିବ। ନୂତନ ନିୟମ ଅନୁଯାୟୀ, ଅନଲାଇନ୍ ଠକେଇର ଶିକାର କ୍ଷେତ୍ରରେ ଆର୍‌ବିଆଇ ଗ୍ରାହକଙ୍କୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରିବ। ଏହି କ୍ଷତିପୂରଣ କେବଳ ଥରେ ପ୍ରଦାନ କରାଯିବ, ବାର୍ଷିକ ନୁହେଁ। ଏହା ଗ୍ରାହକ ସହିଥିବା କ୍ଷତିର ୮୫% କିମ୍ବା ୨୫,୦୦୦ ଟଙ୍କା, ହେଉଁଟି କମ୍ ହେବ। ଯଦି ଜଣେ ୧ ଲକ୍ଷ ଟଙ୍କା ଠକେଇର ଶିକାର ହୁଅନ୍ତି, ତେବେ ମଧ୍ୟ ସେ ୨୫,୦୦୦ ଟଙ୍କା କ୍ଷତି ପୂରଣ ପାଇବେ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଶୁକ୍ରବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଗଭର୍ଣ୍ଣର କହିଛନ୍ତି ଯେ ଏହି ନିୟମ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ୍ ଠକେଇରେ ଗ୍ରାହକଙ୍କ ଦାୟିତ୍ୱକୁ ମଧ୍ୟ ଯାଞ୍ଚ କରିବ। ଲୋକମାନେ ସତର୍କ ରହିବା ଏବଂ ବାରମ୍ବାର ଭୁଲ ଏଡାଇବା ପାଇଁ ଏହା କରାଯାଉଛି। ଗ୍ରାହକମାନଙ୍କ ପାଇଁ ଡିଜିଟାଲ୍ ପେମେଣ୍ଟକୁ ଅଧିକ ସୁରକ୍ଷିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ରିଜର୍ଭ ବ୍ୟାଙ୍କ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଚିଠା ନିର୍ଦ୍ଦେଶାବଳୀ ପ୍ରକାଶ କରିବ।

ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ କାର୍ଡ ଏବଂ ଇଣ୍ଟରନେଟ୍ ଠକେଇ ସମ୍ପର୍କିତ ୧୩,୪୬୯ ମାମଲା ରିପୋର୍ଟ କରାଯାଇଥିଲା, ଯେଉଁଥିରେ ୫୨୦ କୋଟି ଟଙ୍କା କ୍ଷତି ହୋଇଥିଲା। ଏହା ପୂର୍ବରୁ, ୨୦୨୩-୨୪ରେ ୨୯,୦୮୦ ଠକେଇ ଘଟଣାରେ ୧୪୫୭ କୋଟି ଟଙ୍କା କ୍ଷତି ଘଟିଥିଲା। ରିଜର୍ଭ ବ୍ୟାଙ୍କ ୨୦୧୭ ନିୟମର ମଧ୍ୟ ସମୀକ୍ଷା କରୁଛି, ଯାହା ଅନଧିକୃତ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ ଠକେଇ ପାଇଁ ଗ୍ରାହକଙ୍କ ଦାୟିତ୍ୱ ନିର୍ଦ୍ଦିଷ୍ଟ କରିଥାଏ। ଏହି ନିୟମ କେଉଁ ପରିସ୍ଥିତିରେ ଗ୍ରାହକମାନଙ୍କର କୌଣସି ଦାୟିତ୍ୱ ରହିବନାହିଁ ଏବଂ କେଉଁ ପରିସ୍ଥିତିରେ ସେମାନଙ୍କର କିଛି ଦାୟିତ୍ୱ ରହିବ ତାହା ବର୍ଣ୍ଣନା କରେ। ରିଜର୍ଭ ବ୍ୟାଙ୍କ ଜନସାଧାରଣଙ୍କ ମତାମତ ପାଇଁ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିବ।

# ଏସ୍‌ଆର୍‌ଏମ୍ ମେଡିକାଲ କଲେଜରେ ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମ୍ମିଳନୀ



ଭୁବନେଶ୍ୱର,୬।୨(ସମିସ): ଏସ୍‌ଆର୍‌ଏମ୍ ମେଡିକାଲ କଲେଜ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ରରେ 'ଜଳବାୟୁ ପରିବର୍ତ୍ତନ ନିରାକରଣ' ସମ୍ପର୍କିତ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ନୀତି, ପ୍ରଶାସନ, ଭିତ୍ତିଭୂମି, ଶିକ୍ଷା ଏବଂ କ୍ଲିନିକାଲ୍ ଅଭ୍ୟାସ ମାଧ୍ୟମରେ ଜଳବାୟୁ-ସ୍ଥାପକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା, ଯାହା ଜନସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରଭାବକୁ ଆଲୋକପାତ କରିଥିଲା। ଏଥିରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ନ୍ୟାୟିକ ସଦସ୍ୟ ଏବଂ ସମ୍ମିଳନୀର ମୁଖ୍ୟ ଅତିଥି ଜଷ୍ଟିସ୍ ପୁଷ୍ପା ସତ୍ୟନାରାୟଣ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ହେଉଛି ଜନସ୍ୱାସ୍ଥ୍ୟ ପାଇଁ ଏକ ସିଧାସଳଖ ବିପଦ। ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରି, ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରୋ ଭାଇସ୍- ଚାନ୍ସେଲର (ମେଡିକାଲ୍‌ଆଣ୍ଡହେଲ୍ଥ ସାଇନ୍ସ) ଡକ୍ଟର ନୀତିନ୍ ଏମ୍. ନାଗରକର କହିଛନ୍ତି, ସ୍ୱାସ୍ଥ୍ୟସେବା ଶିକ୍ଷାକୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଜଳବାୟୁ ବାସ୍ତବତାଠାରୁ ପୃଥକ କରାଯାଇପାରିବନାହିଁ। ଏହି ଅବସରରେ ଏସ୍‌ଆର୍‌ଏମ୍ ମେଡିକାଲ୍ କଲେଜ ହସ୍ପିଟାଲ୍ ଏବଂ ଗବେଷଣା କେନ୍ଦ୍ରର ଡିନ୍ (ମେଡିକାଲ୍) ଡକ୍ଟର ଜୟନ୍ତୀ ଜଳବାୟୁ ପରିବର୍ତ୍ତନ ପ୍ରତିଦିନ ହସ୍ପିଟାଲଗୁଡ଼ିକୁ ପ୍ରଭାବିତ କରେ, ରୋଗୀଙ୍କ ଯତ୍ନ ଠାରୁ ଆରମ୍ଭ କରି ଅପରେସନ୍ ପର୍ଯ୍ୟନ୍ତ। ଏହି ଶିଖର ସମ୍ମିଳନୀ ଡାକ୍ତର ଏବଂ ପ୍ରଶାସକମାନଙ୍କୁ ବ୍ୟବହାରିକ ସମାଧାନ ବାଣ୍ଟିବାକୁ ସକ୍ଷମ କରେ ଯାହା ପରିବେଶଗତ ପ୍ରଭାବକୁ ହ୍ରାସ କରିବ।

### ରେଳବାଇକୁ ସଂସଦୀୟ କମିଟିର ପ୍ରସ୍ତାବ

# ଆର୍‌ଏସି ଟିକଟରେ ଫେରସ୍ତ ହେଉ ଅଧା ଭଡ଼ା

ନୂଆଦିଲ୍ଲୀ,୬।୨(ଏଜେନ୍ସି): ରିଜର୍ଭେସନ୍ ଏଗେନେଷ୍ଟ କ୍ୟାନ୍‌ସଲେସନ୍ (ଆର୍‌ଏସି) ଟିକଟ୍ ଉପରେ ଯାତ୍ରୀଙ୍କଠାରୁ ପୂର୍ଣ୍ଣ ଭଡ଼ା ଆଦାୟ କରାଯାଉଛି। ତେବେ ଏହାକୁ ନେଇ ଏକ ସଂସଦୀୟ କମିଟି (ପିଏସି) ଏବେ ରେଳବାଇର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛି। କମିଟି କହିଛି ଯେ, ଆର୍‌ଏସି ଟିକଟ ଉପରେ ଯାତ୍ରୀଙ୍କୁ ଅଧା ଭଡ଼ା ଫେରସ୍ତ କରାଯାଉ। କାରଣ ଆର୍‌ଏସି ଟିକଟ ଥିବା ଯାତ୍ରୀଙ୍କୁ ପୂର୍ଣ୍ଣ ବର୍ଥ ପାଇଁ ମନା କରାଯାଇ ଅନ୍ୟ ଯାତ୍ରୀଙ୍କ ସହ ଅଂଶୀଦାର କରିବାକୁ ପଡ଼ିଲେ ପୂର୍ଣ୍ଣ ଭଡ଼ା ଆଦାୟ କରିବା ଯଥାର୍ଥ ନୁହେଁ।

କମିଟି ରିପୋର୍ଟରେ କହିଛି ଯେ, ଚାର୍ଟ ପ୍ରସ୍ତୁତି ପରେ ମଧ୍ୟ ବର୍ଥ ପାଇଁ ମନା କରାଯାଇଥିବା ଆର୍‌ଏସି ବର୍ଗର ଯାତ୍ରୀମାନଙ୍କଠାରୁ ପୂର୍ଣ୍ଣ ଭଡ଼ା ଆଦାୟ କରିବା ଯଥାର୍ଥ ନୁହେଁ। କମିଟି ଜୋର ଦେଇଛି ଯେ ଆର୍‌ଏସି ଟିକଟ୍ ବୁକ୍ କରୁଥିବା ଅନେକ ଯାତ୍ରୀ ଚାର୍ଟ ପ୍ରସ୍ତୁତ ହେବା ପରେ ମଧ୍ୟ ବର୍ଥ ପାଆନ୍ତିନାହିଁ। ଏହା ସତ୍ତ୍ୱେ, ସେମାନଙ୍କଠାରୁ ନିଶ୍ଚିତ ବର୍ଥ ଥିବା ଯାତ୍ରୀଙ୍କ ପରି ସମାନ ଭଡ଼ା ଆଦାୟ କରାଯାଏ। ଯେତେବେଳେ ଯାତ୍ରୀମାନେ ଆର୍‌ଏସି ଟିକଟ୍ ବୁକ୍ କରନ୍ତି, ସେମାନଙ୍କୁ

**ପୂର୍ଣ୍ଣ ଭଡ଼ା ଆଦାୟ କରିବା ଯଥାର୍ଥ ନୁହେଁ**

**ଆର୍‌ଏସି ଟିକଟଧାରୀ ଚାର୍ଟ ପ୍ରସ୍ତୁତ ପରେ ବି ବର୍ଥ ପାଇ ନ ଥାନ୍ତି**




କିଣିବା ସମୟରେ ପୂର୍ଣ୍ଣ ଭଡ଼ା ଦେବାକୁ ପଡ଼ିଥାଏ। ଯଦିଓ ଚାର୍ଟ ପ୍ରସ୍ତୁତ ହେବା ପରେ ସେମାନଙ୍କର ଟିକଟ୍ ନିଶ୍ଚିତ ହୋଇ ନ ଥାଏ। ଏପରି ପରିସ୍ଥିତିରେ ଅଣ-ନିର୍ଦ୍ଦିଷ୍ଟ ଟିକଟ୍ ଥିବା ଯାତ୍ରୀଙ୍କୁ ଅନ୍ୟ ଏକ ଯାତ୍ରୀଙ୍କ ସହିତ ବର୍ଥ ସେୟାର କରିବାକୁ ପଡ଼ିଥାଏ। ଏହାର ଅର୍ଥ ହେଉଛି ପୂର୍ଣ୍ଣ ବର୍ଥ ନ ପାଇ ମଧ୍ୟ ଉଭୟ ଯାତ୍ରୀଙ୍କୁ ପୂର୍ଣ୍ଣ ଭଡ଼ା ଦେବାକୁ ପଡ଼ିବ। କମିଟି ରେଳ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛି ଯେ ଏପରି ଆର୍‌ଏସି ଯାତ୍ରୀମାନଙ୍କୁ ଭଡ଼ାର ଏକ ଅଂଶ ଫେରସ୍ତ କରିବା ପାଇଁ ଏକ ପଦ୍ଧତି ଖୋଜାଯାଉ। କମିଟି କହିଛି ଯେ ଯାତ୍ରୀମାନଙ୍କଠାରୁ ପୂର୍ଣ୍ଣ ମୂଲ୍ୟ ଆଦାୟ କରିବା ପ୍ରକ୍ରିୟା ଭୁଲ। ଯେଉଁ ଯାତ୍ରୀମାନେ ନିଶ୍ଚିତ ବର୍ଥ ପାଉନାହାଁନ୍ତି ସେମାନଙ୍କୁ ଭଡ଼ାର ଏକ ଅଂଶ ଫେରସ୍ତ କରିବା ପାଇଁ ଏକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ କମିଟି ରେଳବାଇକୁ ଅନୁରୋଧ କରିଛି। କମିଟି ଏହି ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ବିଷୟରେ ରେଳବାଇକୁ ଜଣାଇବାକୁ ମଧ୍ୟ ଅନୁରୋଧ କରିଛି।

କମିଟି ରେଳବାଇକୁ ସୁପରଫାଷ୍ଟ ଟ୍ରେନ ପାଇଁ ଗତି ମାନଦଣ୍ଡ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଛି, ଯାହା ୨୦୦୭ ମସିହାରୁ ପ୍ରଚଳିତ। କାରଣ ଏହା ବର୍ତ୍ତମାନ ପୁରୁଣା ହୋଇସାରିଛି। ଯଦି ରେଳବାଇ କମିଟିର ପରାମର୍ଶ ଗ୍ରହଣ କରେ, ତେବେ ଏହା ଯାତ୍ରୀମାନଙ୍କୁ ଯଥେଷ୍ଟ ଲାଭ ଦେବ। ସମିତି ସୁପରଫାଷ୍ଟ ଟ୍ରେନଗୁଡ଼ିକର ବର୍ଗୀକରଣ ବିଷୟକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛି। କମିଟି କହିଛି ଯେ, ୨୦୦୭ର ନିଷ୍ପତ୍ତି ଅନୁଯାୟୀ, ବ୍ରଡଗେଜରେ ଅତି କମ୍‌ରେ ୫୫ କିଲୋମିଟର ଘଣ୍ଟା ପ୍ରତି ବେଗ ଥିବା ଟ୍ରେନକୁ ସୁପରଫାଷ୍ଟ ବୋଲି ବିବେଚନା କରାଯାଏ। ତଥାପି, ମିଟର ଗଜରେ ଏହି ଗତି ୪୫ କିଲୋମିଟର ଘଣ୍ଟା ପ୍ରତି ରହିଛି। କମିଟି ବିଶ୍ୱାସ କରେ ଯେ ବର୍ଷ ବର୍ଷ ଧରି ରେଳ ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟାରେ ଉନ୍ନତିକୁ ଦୃଷ୍ଟିରେ ରଖି, ଏହି ଗତି ମାନଦଣ୍ଡ ଅତ୍ୟନ୍ତ କମ୍ ଏବଂ ପୁରୁଣା। କମିଟି ଏହା ମଧ୍ୟ ଦର୍ଶାଇଛି ଯେ ୨୦୦୭ ପରଠାରୁ ଏହି ମାନଦଣ୍ଡରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବର୍ତ୍ତମାନ ୪୭୮ଟି ସୁପରଫାଷ୍ଟ ଟ୍ରେନ ମଧ୍ୟରୁ ୧୨୩ ଟି ଘଣ୍ଟା ପ୍ରତି ୫୫ କିଲୋମିଟରରୁ କମ୍ ବେଗରେ ଚଳାଚଳ କରୁଛି, ଯାହା ପ୍ରଶ୍ନ ଉଠାଇଛି ଯେ ସେଗୁଡ଼ିକୁ ପ୍ରକୃତରେ ସୁପରଫାଷ୍ଟ ବୋଲି କହିବାକୁ ଯୋଗ୍ୟ କି ନାହିଁ।

# ଟାଟା ପ୍ଲେ'ର ନୂଆ ଚ୍ୟାନେଲ 'ଓଡ଼ିଆ ମନୋରଞ୍ଜନ' ଶୁଭାରମ୍ଭ

ଭୁବନେଶ୍ୱର,୬।୨(ସମିସ) : ଟାଟା ପ୍ଲେ ପକ୍ଷରୁ 'ଟାଟା ପ୍ଲେ ଓଡ଼ିଆ ମନୋରଞ୍ଜନ' ନାମକ ଏକ ନୂଆ ଚ୍ୟାନେଲର ଶୁଭାରମ୍ଭ କରାଯାଇଛି। ଏହି ସେବା ବିଶେଷ କରି ଓଡ଼ିଆ ଭାଷାଭାଷୀ ଦର୍ଶକଙ୍କ ପାଇଁ ସଂଗୃହିତ ଚଳଚ୍ଚିତ୍ର, ଟିଭି ଶୋ, ଯାତ୍ରା, ଭକ୍ତି ବିଷୟବସ୍ତୁ ଏବଂ ସଙ୍ଗୀତର ଏକ ବିବିଧ ମିଶ୍ରଣ ଆଣିଛି। ଏହି ସେବାଟି ଲୋକପ୍ରିୟ ଚ୍ୟାନେଲ୍ ସିଦ୍ଧାର୍ଥ ଟିଭି ଦ୍ୱାରା ପରିଚାଳିତ ହେବ। ଏଥିରେ ଆପଣ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ନୂଆ ଏବଂ ଉନ୍ନତମାନର କାର୍ଯ୍ୟକ୍ରମ ଦେଖିପାରିବେ। ଏହି ସେବା ଏକ ବିବିଧ କ୍ୟାଟାଲଗ୍ ପ୍ରଦାନ କରୁଛି, ଯେଉଁଥିରେ ୧୮୦+ ଚଳଚ୍ଚିତ୍ର, ୧୦୦+ ଯାତ୍ରା, ପ୍ରାୟ ୨୦ ଟିଭି ଶୋ ଏବଂ ଭକ୍ତି ,ଲୋକ, ଚଳଚ୍ଚିତ୍ର ଏବଂ ଅଣ-ଫିଲ୍ମ ଧାରା ସମ୍ବନ୍ଧୀୟ ୧୨,୦୦୦+ ଗୀତର ଏକ ବିଶାଳ ଲାଇବ୍ରେରୀ ଅନ୍ତର୍ଭୁକ୍ତ। କ୍ଲାସିକ୍ ଠାରୁ ସମସାମୟିକ ଶୀର୍ଷକ ପର୍ଯ୍ୟନ୍ତ ବିଷୟବସ୍ତୁ ସହିତ, ଏହି ସୁବିଧା ବୟସ ଗୋଷ୍ଠୀ ପାଇଁ ଉପଯୁକ୍ତ ହୋଇଥିବା ଦର୍ଶକମାନଙ୍କ ଆବଶ୍ୟକତା ପୂରଣ କରୁଛି ଏବଂ ଏହାର ଟିୟର ୩ ଏବଂ ଟିୟର ୪ ଦର୍ଶକଙ୍କ ମଧ୍ୟରେ ଏକ ଦୃଢ଼ ଆକର୍ଷଣ ରହିଛି।

# ପୁରୀ ବଜାରକୁ ପ୍ରବେଶ କଲା ଚେତକ୍ ସି୨୫

ପୁରୀ,୬।୨(ସମିସ): ପୁରୀ ବଜାରକୁ ପ୍ରବେଶ କରିଛି ବଜାଜ୍‌ର ଇଲେକ୍ଟ୍ରି ସ୍କୁଟର 'ଚେତକ୍ ସି୨୫'। ଶୁକ୍ରବାର ନବକଳେବର ରୋଡସ୍ଥିତ ଏମ୍‌ଏସ୍‌ବି ଅଟୋମେଟିଭ ପ୍ରାଇଭେଟ ଲିମିଟେଡ୍‌ରେ ବଜାଜ୍ ଅଟୋ ଲିମିଟେଡର ଏରିଆ ସେଲ୍ସ ମ୍ୟାନେଜର ରଶିତ ମାଲ୍‌ହୋତ୍ରା, ଏମ୍‌ଏସ୍‌ବି ଅଟୋମେଟିଭ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ମନ୍‌ସୁର ବକ୍ସ ଏବଂ ନିର୍ଦ୍ଦେଶିକା ସାଇରା ବାନୁ ଏହି ସ୍କୁଟର ଉନ୍ମୋଚନ କରିଥିଲେ। ଆଧୁନିକ ଜ୍ଞାନକୌଶଳ ସହିତ ଅତୁଳନୀୟ ରେଞ୍ଜ ତଥା ଅବିସ୍ମରଣୀୟ ବିଶ୍ୱସନୀୟତାକୁ ନେଇ ଚେତକ୍ ସି୨୫ ମେଟାଲ ବଡିରେ ବଜାରକୁ ଆସିଛି। ବିଶେଷକରି ଛାତ୍ରଛାତ୍ରୀ ଏବଂ କର୍ମଜୀବୀ ମହିଳାଙ୍କ ପାଇଁ ଏହା ଯିବାଆସିବାରେ ବେଶ୍ ସୁବିଧା ହେବ। ସ୍କୁଟରର ଉଭୟ ଆଗ ଏବଂ ପଛ ଚକ




ଟ୍ୟୁବଲେସ ଟାୟାର ସହିତ ଆଗ ଡିସ୍ ବ୍ରେକ୍ ରହିଛି। ଏହାର ଗ୍ରାଉଣ୍ଡ କ୍ଲିୟରାନ୍ସ ମଧ୍ୟ ଭଲ ଅଛି। ବ୍ୟାଟେରୀ ଥରେ ଚାର୍ଜ ହେଲେ ୯୦ରୁ ୯୫ କିମି ଯିବ। ଏହାର ବ୍ୟାଟେରୀ ୨ ଘଣ୍ଟା ୨୫ ମିନିଟ୍‌ରେ ୮୦% ଏବଂ ୩ ଘଣ୍ଟା ୪୫ ମିନିଟରେ ବ୍ୟାଟେରୀ ଫୁଲ୍ ଚାର୍ଜ ହେବ। ଘଣ୍ଟାକୁ ୫୫ କିମି ବେଗରେ ଦୌଡିପାରିବ ଚେତକ୍ ସି୨୫। ପୁରୀର ଗଳିକନ୍ଦିରେ ଏହି ସ୍କୁଟର ଚାଳକଙ୍କ ପାଇଁ ବେଶ୍ ସୁବିଧା ହେବ ବୋଲି ଶ୍ରୀ ବକ୍ସ କହିଛନ୍ତି।

# ପିଏନ୍‌ବି ହ୍ୱାଟ୍ସଆପ୍ ଚ୍ୟାନେଲ୍ ପ୍ରଚଳନ

ନୂଆଦିଲ୍ଲୀ,୬।୨: ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ (ପିଏନ୍‌ବି) ଏହାର ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ ପ୍ଲାଟଫର୍ମ ମାଧ୍ୟମରେ ଏକ ଡିମାଟ୍ ଦେଖିବା ସୁବିଧା ପ୍ରଚଳନ କରିଛି, ଯାହା ଏହାର ଡିଜିଟାଲ୍ ନିବେଶକ ସେବାକୁ ଆହୁରି ମଜବୁତ କରିବ ଏବଂ ଗ୍ରାହକଙ୍କ ସୁବିଧାକୁ ବୃଦ୍ଧି କରିବ। ଏହି ପଦକ୍ଷେପ ମାଧ୍ୟମରେ ପିଏନ୍‌ବି ଗ୍ରାହକମାନେ ଏବେ ବ୍ୟାଙ୍କର ଯାଞ୍ଚ ହୋଇଥିବା ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ ଚ୍ୟାନେଲ୍ ମାଧ୍ୟମରେ ସିଧାସଳଖ ଡିମାଟ୍-ସମ୍ବନ୍ଧୀୟ ସୂଚନା ପାଇପାରିବେ। ଏହି ସୁବିଧା ପିଏନ୍‌ବି ସହିତ ଡିମାଟ୍ ଆକାଉଣ୍ଟ ଧାରଣ କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ, ଯେଉଁଠାରେ ବ୍ୟାଙ୍କ ଏନ୍‌ଏସ୍‌ଡିଏଲ୍ ଏବଂ ସିଡିଏସ୍‌ଏଲ୍ ସହିତ ଏକ ଜମାକାରୀ ଅଂଶଗ୍ରହଣକାରୀ ଭାବରେ କାର୍ଯ୍ୟ କରେ। ହ୍ୱାଟ୍ସଆପ୍-ଆଧାରିତ ସେବା ଯୋଗ୍ୟ ଗ୍ରାହକମାନଙ୍କୁ ସେମାନଙ୍କର ଡିମାଟ୍ ଷ୍ଟେଟମେଣ୍ଟ ଅଫ୍ ହୋଲ୍ଡିଂସ୍, ଟ୍ରାଞ୍ଜାକ୍ସନ୍ ଷ୍ଟେଟମେଣ୍ଟ, ବକେୟା ଚାର୍ଜ, ବିଲିଂ ବିବରଣୀ ଏବଂ ହଜିଯାଇଥିବା ଡେଲିଭରି ନିର୍ଦ୍ଦେଶ ସ୍ଲିପ୍ (ଡିଆଇଏସ୍) ରିପୋର୍ଟ କରିବାକୁ ସୁରକ୍ଷିତ ଭାବରେ ଅନୁମତି ଦିଏ। ଏହି ନୂତନ ପଦକ୍ଷେପ ଉପରେ ପିଏନ୍‌ବିର ସିଜିଏମ୍-ବ୍ୟବସାୟ ଅଧିଗ୍ରହଣ ଏବଂ ସମ୍ପର୍କ ପରିଚାଳନା ବିଭାଗ ସୁଧୀର ଦଲାଲ୍ କହିଛନ୍ତି, ହ୍ୱାଟ୍ସଆପର ବ୍ୟାପକ ପହଞ୍ଚକୁ ବ୍ୟବହାର କରି ବ୍ୟାଙ୍କ ଡିମାଟ୍ ସେବାଗୁଡ଼ିକର ପ୍ରବେଶକୁ ସରଳ କରିବା, ଶାଖା ପରିଦର୍ଶନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ବିଶେଷକରି ପ୍ରଥମ ଥର ଏବଂ ଦୀର୍ଘକାଳୀନ ନିବେଶକମାନଙ୍କ ମଧ୍ୟରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ଲକ୍ଷ୍ୟ ରଖିଛି।

# ଏଏମ୍/ ଏନ୍‌ଏସ୍ ଇଣ୍ଡିଆକୁ ସବୁଜ ଇସ୍ପାତ ପ୍ରମାଣପତ୍ର

ମୁମ୍ବଇ, ୬।୨ (ଏଜେନ୍ସି): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଦେଶର ପ୍ରଥମ ସମନ୍ୱିତ ଇସ୍ପାତ ଉତ୍ପାଦକ ଭାବେ ଇସ୍ପାତ ମନ୍ତ୍ରଣାଳୟର ନୂତନ ସବୁଜ ଇସ୍ପାତ ବର୍ଗୀକରଣ ଅଧୀନରେ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆର ହଟ୍ ରୋଲଡ୍ (ଏଚ୍‌ଆର୍) କଏଲ୍ ଏବଂ ସିଟ୍ ୪-ଷ୍ଟାର ରେଟିଂ ପାଇଥିବାବେଳେ କୋଲ୍ଡ ରୋଲଡ୍ (ସିଆର୍) କଏଲ୍ ଏବଂ ସିଟ୍ ୩-ଷ୍ଟାର ରେଟିଂ ହାସଲ କରିଛି। ଏହି ଉତ୍ପାଦଗୁଡ଼ିକ ଯାହା ଅଟୋମୋଟିଭ୍, ଭିତ୍ତିଭୂମି, ପ୍ରତିରକ୍ଷା, ନିର୍ମାଣ ଉପକରଣ ଏବଂ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ର ପାଇଁ ପ୍ରମୁଖ ଉପାଦାନ, ଏବେ ଅଧିକାରୀକ ଭାବେ ସରକାରଙ୍କ ଦ୍ୱାରା ସବୁଜ ଇସ୍ପାତ ରୂପେ ମାନ୍ୟତାପ୍ରାପ୍ତ। ଏହା ଗ୍ରାହକମାନଙ୍କୁ ସେମାନଙ୍କର ମୂଲ୍ୟ ଶୃଙ୍ଖଳରେ ସ୍କୋପ୍ ୩ ନିର୍ଗମନ ହ୍ରାସ କରିବାକୁ ସକ୍ଷମ କରିବ। ପ୍ରମାଣପତ୍ର ପାଇଁ ଯୋଗ୍ୟତା ଇସ୍ପାତ ଉତ୍ପାଦନର ନିର୍ଗମନ ତୀବ୍ରତା ଉପରେ ଆଧାରିତ, ଯେଉଁଥିରେ ପ୍ରତି ଟନ୍ ପିଛା ଚୂଡ଼ାନ୍ତ ଇସ୍ପାତ ଉତ୍ପାଦନ ନିମନ୍ତେ ୨.୨ ଟନ୍ ରୁ କମ୍ ଅଙ୍ଗାରକାମ୍ଳ ସମତୁଲ୍ୟ ଯୋଗ୍ୟତା ସୀମା ରଖାଯାଇଛି। ଏହି ସୀମା ତଳେ ନିର୍ଗମନ ସହିତ ଉତ୍ପାଦିତ ଇସ୍ପାତକୁ ଏକ ତିନି-ସ୍ତରୀୟ ବ୍ୟବସ୍ଥା ଅଧୀନରେ ମୂଲ୍ୟାଙ୍କନ କରାଯାଏ, ଯାହା ୩-ଷ୍ଟାର, ୪-ଷ୍ଟାର, କିମ୍ବା ୫-ଷ୍ଟାର ସବୁଜ ଇସ୍ପାତ। ଏହି ପ୍ରମାଣପତ୍ର ହାସଲ କରିବା ପାଇଁ, ଏଏମ୍/ଏନ୍‌ଏସ୍ ଇଣ୍ଡିଆକୁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଷ୍ଟିଲ୍ ଟେକ୍ନୋଲୋଜି (ଏନ୍‌ଆଇଏସଏସଟି) ଦ୍ୱାରା ଏକ କଠୋର ସମୀକ୍ଷା ପ୍ରଣାଳୀର ସାମନା କରିବାକୁ ପଡ଼ିଥିଲା, ଯାହା ସୁନିଶ୍ଚିତ କରିଥିଲା ଯେ କମ୍ପାନୀର ପ୍ରମୁଖ ଫ୍ଲାଟ୍ ଷ୍ଟିଲ୍ ପୋର୍ଟଫୋଲିଓ ସବୁଜ ଇସ୍ପାତ ମାନଦଣ୍ଡ ପୂରଣ କରୁଛି।

AM/NS INDIA

### ସପ୍ତମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା

# 'ଠିକ୍ ସମୟରେ ଋଣ ଫେରସ୍ତ କର'

ଭୁବନେଶ୍ୱର, ୬।୨ (ସମିସ): ରାଜ୍ୟର ଅପହଞ୍ଚ ଅଞ୍ଚଳଗୁଡ଼ିକରେ କ୍ଷୁଦ୍ର ଆର୍ଥିକ ସଂସ୍ଥାମାନେ ବିଭିନ୍ନ ଆର୍ଥିକ ସେବା ଯୋଗାଇ ରାଜ୍ୟର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ରଖିପାରିଛନ୍ତି। ଋଣ ସେବା ସହିତ ଆର୍ଥିକ ଓ ଡିଜିଟାଲ ସାକ୍ଷରତା, ସାମାଜିକ ସୁରକ୍ଷା ଇତ୍ୟାଦି ସେବା ପ୍ରଦାନ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଓଡ଼ିଶାର ଆର୍ଥିକ ଅନ୍ତର୍ଭୁକ୍ତିକରଣରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡିକର ଯୋଗଦାନ ବହୁତ ଭଲ ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଠିକ୍ ସମୟରେ ଋଣ ଫେରସ୍ତ କରନ୍ତୁ। ଏହାଛଡା ସେମାନେ ନିଜ ଋଣ ଫେରସ୍ତ ସାମର୍ଥ୍ୟ ଅନୁଯାୟୀ ଋଣ ଗ୍ରହଣ କରିବା ଉଚିତ୍ ବୋଲି ଓସାଫିର ସପ୍ତମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ



କର୍ମଶାଳାକୁ ଉଦ୍‌ଘାଟନ କରି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି କହିଛନ୍ତି।

କର୍ମଶାଳାରେ ଓସାଫିର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷତା କରି କହିଥିଲେ ଯେ, ରାଜ୍ୟରେ ଗ୍ରାମୀଣ ମହିଳାମାନଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ କ୍ଷୁଦ୍ର ବ୍ୟବସାୟ, ଘରୋଇ ଉଦ୍ୟୋଗ, ଜଳ ପରିମଳ ଓ ଗୃହ ନିର୍ମାଣ ଭଳି କ୍ଷେତ୍ରରେ କ୍ଷୁଦ୍ର ଆର୍ଥିକ ସଂସ୍ଥାମାନଙ୍କ ମାଧ୍ୟମରେ ମୋଟ ୧୮ ହଜାର କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ନରେନ୍ଦ୍ର ନାୟକ କହିଥିଲେ ଯେ, ଓସାଫି ରାଜ୍ୟରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସିଡିବି, ନାବାର୍ଡ ଇତ୍ୟାଦି ସଂସ୍ଥାମାନଙ୍କ ସହ ମିଳିତ ଭାବେ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଚାଲାଇଆସୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆକ୍ସିଅନର ସଭାପତି ମାଇକେଲ ସ୍କଲେନ୍, ମିଶନ ଶକ୍ତିର ପଦ୍ମଲୋଚନ ରାଉତରାୟ, ଏସ୍‌ବିଆଇର କେ. ବାଲାଜୀ, ସିଡିବିର ରପ୍ରଦ୍ୟୁମ୍ନ କୁମାର ଚୌଧରୀ, ସାଧନର ଚନ୍ଦନ ଠାକୁର, କ୍ରେଡିଟ ଏକ୍ସେସ ଗ୍ରାମୀଣର ଗଣେଶ ନାରାୟଣ, ୟୁଏନ୍‌ଡିପିର ଆଭା ମିଶ୍ର, ଓସାଫିର ବୋର୍ଡ ସଦସ୍ୟ ଆଲୋକ ପଟ୍ଟନାୟକ ଏବଂ ଯୁଗଳ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

